## ଆତ୍ମସଂଯମତା, ନମ୍ରତା, ଦୟା ଓ ପ୍ରେମର ଭାବ ପରିପ୍ରକାଶ

# ପ୍ରକୃତ ନିରାମିଷାହାରୀ

■ କେ. ପି. ଭାସ୍ୱାନୀ

ଗୁରୁଦେବ ଆମ ଆଗରେ ବ୍ୟାଖ୍ୟା କରୁଥିଲେ, ଆଶ୍ଚର୍ଯ୍ୟ ପଦାର୍ଥ ସବୁ ଏଇ ପୃଥିବୀ ଓ ସ୍ୱର୍ଗର, ଯାହା ନିର୍ମଳ ହୃଦୟରେ ହିଁ ପ୍ରତିଭାତ ହୁଏ - ସେ କହୁଥାନ୍ତି - ହୃଦୟ ସହାନୁଭୂତି ଦୟା ଓ ପ୍ରେମରେ ବୁଡ଼ି ରହିଥିବା ଦରକାର । ଠିକ୍ ସେତିକିବେଳେ ସେ ପୁଣି ମୋତେ କହିଲେ - ମୁଁ ଭାବୁଛି ତୁମେ "ନିରାମିଷ ଆହାରୀ" । - "ମୁଁ ଆଜୀବନ ନିରାମିଷାହାରୀ", ମୁଁ ଉତ୍ତର ଦେଲି-ଏଥିରେ ଟିକିଏ ବି ଅହଙ୍କାରର ଚିହ୍ନବର୍ଣ୍ଣ ନ ଥିଲା । ସେ ମୋର ଆଖିରେ ନିବିଡ଼ ଭାବରେ ଆଖି ମିଳାଇଲେ, ସତେଯେମିତି ମୋର ମନର ଗଭୀରତମ ଅନ୍ତଃସ୍ଥଳକୁ ସେ ନିରୀକ୍ଷଣ କଲେଣି, ତା'ପରେ କହିଲେ-ତୁମେ ଠିକ୍ ଜାଣିଛ ତୁମେ ନିରାମିଷ ଆହାରୀ ? ତାଙ୍କ କଣ୍ଠର ସ୍ୱର ମୋତେ ବିଚଳିତ କଲା । ମୁଁ ବେଶ ସଙ୍କୁଚିତ ହୋଇଗଲି ଏବଂ ଉତ୍ତର ଦେଲି- ଗୁରୁଦେବ; ମୁଁ ବୁଝିପାରିଲି ନାହିଁ, ବୋଧହୁଏ ମୁଁ ଏବେ ମଧ୍ୟ ସମ୍ପୂର୍ଣ୍ଣ ନିରାମିଷାହାରୀ ହୋଇପାରି ନାହିଁ । ଯିଏ ପ୍ରକୃତ ନିରାମିଷାହାରୀ, ତାଙ୍କର ଗୁଣ ଓ ଚିହ୍ନ ସମ୍ପର୍କରେ ମୋତେ ଟିକେ ଜ୍ଞାନ ଦିଅନ୍ତୁ । ତା'ପରେ ସେ ଆରମ୍ଭ କଲେ- ପ୍ରକୃତ ନିରାମିଷାହାରୀ । ମୁଁ ଯାହା ବିଚାରେ ସେହି ଲୋକ-ଯାହାର ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସମ୍ବେଦନା, ପବିତ୍ରତା ଓ ମହାନତାରେ ଭରପୁର । ସେ ଜୀବନକୁ ଭଗବାନଙ୍କର ଏକ ମହନୀୟ ଦାନ ବୋଲି ଭାବେ, ଯାହାକୁ କୌଣସି ମଣିଷ ଦେଇପାରିବ ନାହିଁ କି ମଧ୍ୟ ନେଇପାରିବ ନାହିଁ । ସେହି ଭଳି ଜଣେ ମଣିଷର ନିମ୍ନଲିଖିତ ଗୁଣ ଓ ଚିହ୍ନ ଥିବ । ତା'ପରେ ସେ କହିବାକୁ ଲାଗିଲେ-

(୧) ସେ ବ୍ୟକ୍ତିର ହୃଦୟ ଦୟା ଓ ଭଲପାଇବାର ଏକ ପ୍ରବହମାନ ନଦୀ ସ୍ରୋତ । ପ୍ରକୃତ ଦୟାର ଭିତ୍ତିଭୂମି ହେଲା ସମନ୍ୱୟର ଭାବନା-ପ୍ରତ୍ୟେକ ଜୀବନ୍ତ ପ୍ରାଣୀଙ୍କ ମଧ୍ୟରେ ଐକ୍ୟଦର୍ଶନ-ସମସ୍ତଙ୍କୁ ଏକ ବୋଲି ବିବେଚନା କରିବା । ତଫାତ୍ ନାହିଁ ସମସ୍ତେ ସମାନ - ଏହି ଦୃଷ୍ଟିଭଙ୍ଗୀ । ମୁଁ ଏବଂ ସେହି ଛୋଟିଆ କୁନି କୁନି ଘର ଥିବା ପୋକଟି- ଯିଏ ପ୍ରଦୀପ ଚାରିପଟେ ଘୁରି ବୁଲୁଛି ଆମେ ଦୁହେଁ ଏକ । ମଣିଷ, ଜୀବଜନ୍ତୁ, ପକ୍ଷୀ, ମାଛ, ପୋକ, ଜୋକ, ମଶା ସମସ୍ତେ ଏକ । ସେହି ପରଂବ୍ରହ୍ମ ଯାହାଙ୍କ ବ୍ୟତୀତ କାହାରି ସ୍ଥିତି ନାହିଁ । ତେଣୁ ପ୍ରକୃତ ନିରାମିଷାହାରୀ ପାଇଁ ପ୍ରତ୍ୟେକ ଜୀବନ ଆପଣାର ଜୀବନ ଭଳି ଆଦରଣୀୟ ଓ ମୂଲ୍ୟବାନ ମନେ ହେବ । ତା' ଦୃଷ୍ଟିରେ ଈଶ୍ୱରସୃଷ୍ଟ ପ୍ରତ୍ୟେକ ମୂକଜୀବ ତା'ର ବ୍ୟକ୍ତିସତ୍ତା ଉପରେ ଆଉ ଗୋଟିଏ ଶରୀରର କେବଳ ଆବରଣ । ସମସ୍ତଙ୍କ ମଧ୍ୟରେ ସେ ନିଜସତ୍ତାକୁ ହିଁ ଅନୁଭବ କରିବ ଏବଂ ସେଇଥିପାଇଁ ପ୍ରକୃତ ନିରାମିଷାହାରୀ ମନୁଷ୍ୟତ୍ୱକୁ ହତ୍ୟା କଲାଭଳି କୌଣସି କାର୍ଯ୍ୟରେ ସାମିଲ ହେବ ନାହିଁ । ତା' ମନ ପଟିରେ ଅଗ୍ନି ଅକ୍ଷରରେ ଲେଖା ହୋଇଯାଇଥିବ କେତୋଟି ଶବ୍ଦ ସବୁ ପ୍ରକାର ହତ୍ୟା ବନ୍ଦ କର, ହିଂସାର ବିଲୋପ ସାଧନ ।

(୨) ପ୍ରକୃତ ନିରାମିଷାହାରୀ ଜଣେ ଆତ୍ମସଂଯମୀ ମଣିଷ ଆତ୍ମଶୃଙ୍ଖଳାରେ ଆବଦ୍ଧ ବ୍ୟକ୍ତି । ବହୁ ଲୋକ ଅଛନ୍ତି ଯେଉଁମାନେ ମାଂସ ଖାଆନ୍ତି ନାହିଁ; କିନ୍ତୁ ହାୟ ! ସେମାନେ ଖୁବ୍ ସହଜରେ ମାଂସର ଆହ୍ୱାନ ଶୁଣନ୍ତି । ମାଂସର ବଶତା ସ୍ୱୀକାର କରନ୍ତି । ସେମାନେ ମାଂସର ଆକର୍ଷଣକୁ ପ୍ରତିରୋଧ କରିପାରନ୍ତି ନାହିଁ । ସେମାନେ ନରମ-ସେମାନେ କାମନାର ନିଆଁକୁ ଲିଭାଇ ପାରନ୍ତି ନାହିଁ । ପ୍ରକୃତ ନିରାମିଷାହାରୀ ଇନ୍ଦ୍ରିୟଲାଳସା ଭାସିଯିବ ନାହିଁ । କ୍ରୋଧ ତାକୁ ସ୍ପର୍ଶ କରିବ ନାହିଁ, ସୁବର୍ଣ୍ଣର ଲୋଭ ତାକୁ ଆକୃଷ୍ଟ କରିପାରିବ ନାହିଁ । କାମନାମୁକ୍ତ, ଜୀତ-କ୍ରୋଧ, ନିର୍ଲୋଭ ବ୍ୟକ୍ତି ସେ ନିରାମିଷାହାରୀ ।

(୩) ପ୍ରକୃତ ନିରାମିଷାହାରୀ ଏକ ନମ୍ର ବ୍ୟକ୍ତିତ୍ୱ । ତା'ର ହୃଦୟ ଭିତରେ ସେ ଠିକ୍ ଜାଣିଛି ଯେ ହତ୍ୟା କରିବା ପାପଠାରୁ ସେ ଆଦୌ ମୁକ୍ତ ନୁହେଁ । କାରଣ ନିଃଶ୍ୱାସ ନେବା ଅର୍ଥ ହତ୍ୟା କରିବା । ପବନରେ ଆମ ଚାରିପଟରେ ଯେଉଁ ଜୀବାଣୁମାନେ ଅଛନ୍ତି କଥା କହିବା ମାନେ ସେମାନଙ୍କୁ ହତ୍ୟା କରିବା । ଚାଲିବାମାନେ ସେମାନଙ୍କୁ ମାରିବା ! ବାସ୍ତବରେ ବଞ୍ଚିବାକୁ ହେଲେ ହତ୍ୟା କରିବାକୁ ହୁଏ ।

(୪) ଏଭଳି ଏକ ପୃଥିବୀରେ ରହିବାକୁ ହେଲେ ପ୍ରକୃତ ନିରାମିଷାହାରୀ ପ୍ରାର୍ଥନାରତ ବ୍ୟକ୍ତି ହେବ । ପ୍ରାର୍ଥନା ହିଁ ସେ ଅହରହ କରୁଥିବ । ସେ ତା'ର ଚାରିପାଖରେ ଦେଖୁଛି ନିଷ୍ଠୁରତା ବିରାଜମାନ । କେତେ ହୃଦୟକୁ ସେ ସ୍ପର୍ଶ କରିପାରିବ ? କେତେ ଜୀବନକୁ ସେ ରକ୍ଷା କରିପାରିବ ? ତେଣୁ ସେ ଭଗବତମୁଖୀ ହେବ । ଯେ କି ଏକ ଓ ଅଦ୍ୱିତୀୟ । ସମସ୍ତଙ୍କୁ ରକ୍ଷାକରିବା ପାଇଁ ସେ ହିଁ ସମର୍ଥ । ନିତ୍ୟ-ଶୁଦ୍ଧ-ବୁଦ୍ଧ ଭଗବାନ । ପ୍ରକୃତ ନିରାମିଷାହାରୀ ହତ୍ୟାକାରୀ ଓ ନିହତ ହୋଇଥିବା ବ୍ୟକ୍ତି ଉଭୟଙ୍କ ପାଇଁ ସମଭାବରେ ପ୍ରାର୍ଥନା କରିପାରେ । ସେ ପ୍ରାର୍ଥନା କରେ - ଦୁଃଖ ଓ ବେଦନାଭରା ଏହି ପୃଥିବୀରେ ଭଗବାନଙ୍କ ପ୍ରେମ ସ୍ପର୍ଶ ଦେବା ପାଇଁ କାଳେ ସିଏ ଯନ୍ତ୍ରଟିଏ ହୋଇପାରିବ ଅବା ତାହାରି ଭିତର ଦେଇ ଭଗବତ୍ କୃପା-ସ୍ନେହ ଝରିବ - ଦୁଃଖ ଯନ୍ତ୍ରଣାକୁ ଉପଶମ କରିବାକୁ ସେହି ମୁହୂର୍ତ୍ତରେ ଯେତେବେଳେ ମୋତେ ଦୁର୍ବଳ ଲାଗେ - ପାର୍ଥିବ ଅନୁଭୂତି ସବୁ ମୋତେ ଭାରାକ୍ରାନ୍ତ କରି ଦିଅନ୍ତି, ଠିକ୍ ସେତିକିବେଳେ - ଗୁରୁଦେବଙ୍କର ଏହି ଶ୍ରଦ୍ଧାଞ୍ଜଳି ମୋର କାନପାଖରେ ଦେବମନ୍ଦିରର ସୁସ୍ପଷ୍ଟ ଘଣ୍ଟଧ୍ୱନି ଭଳି ଝଙ୍କୃତ ହୁଅନ୍ତି । ତୁମେ ଠିକ୍ ଜାଣିଛ ତ, ତୁମେ ନିରାମିଷାହାରୀ ?

(ସୌଜନ୍ୟ - ବେଟର ଲାଇଫ୍)